ପଣ୍ଡୁ ଓ କୁନ୍ତୀଙ୍କ ଆଳାପ, ଅଗସ୍ତିଙ୍କ ଆଗମନ ଓ ଉପଦେଶ
ପଣ୍ଡୁ ରହିଲେ ଯେ ଶତଶିଂଗ ପର୍ବତେ
ପାକାପରଶ ଯେ ହୋଇଲେ ଦେବୀ କୋନ୍ତେ । ୧ ।
ଶୁଦ୍ଧ ସ୍ନାହାନ କଲେ ସେ ପଞ୍ଚମ ଦିବସେ
ରାତ୍ରେ ବିଜେ କଲେ ପଣ୍ଡୁ ରାଜାୟେ ପାଶେ । ୨ ।
ପଣ୍ଡୁ ବୋଇଲେ ଶୁଣସି ରେ ପ୍ରାଣସଖି
ମୋର କର ଧରି ତୁ ହୋଇଲୁ ମହାଦୁଖୀ । ୩ ।
କୋଇନ୍ତାୟେ ବୋଇଲେ ସ୍ୱାମୀ ବିକଳ ନୋହିବା
ମୁହିଂ ରଜବତୀ ମୋତେ ଆକଟ କରାଇବା । ୪ ।
ପରମ ସାଧବୀ ଯେ ସୁଗ୍ୟାନୀ ଭାରିଯା
ତାହାର ଶରୀର ଆକର୍ଷଣ କଲେ ପଣ୍ଡୁରାଜା । ୫ ।
ଯୁବତୀ ପତି ଯେତେବେଳେ ୟେକ ଯୋଗ ହୋଇଲା
ପ୍ରତାପୀ କାମଦେବ ସେ ଅନେକ କଠୋର କଲା । ୬ ।
ପଣ୍ଡୁ ଇଚ୍ଛା କଲେ ଯହୁଂ ସେ ଶୃଙ୍ଗାର
ଧାତିକାରେ କୋଇନ୍ତାୟେ ତହୁଂ ହୋଇଲେ ବାହାର । ୭ ।
କୋଇନ୍ତାୟେ ତୁଷ୍ଟି କରନ୍ତି ପିତୃ ଯେ ଲୋକଙ୍କୁ
ସ୍ୱାମୀର ଅଭିଶାପ ହୋଇଲା ବଞ୍ଚିଲୁ ଶୃଙ୍ଗାରକୁ । ୮ ।
ତୁମ୍ଭର ଚରଣ କରୁଅଛୁଂ ଆମ୍ଭେ ସେବା
ୟେଥକୁ ମହାତମା ମୋତେ କୋପ ନ କରିବା । ୯ ।
ବଞ୍ଚିଲେ ଶୃଙ୍ଗାର ଛାଡିଲେ ରତି ଆଶା
ସଂକଳ୍ପ କରିଣ ଯେ ଛାଡିଲେ ମନୀଷା । ୧୦ ।
ରତି ଇଚ୍ଛା ନ କଲେ ସେ ମହତ ସାଧବୀ
ସ୍ୱାମୀର ନିମନ୍ତେ କରି ଶୃଙ୍ଗାର ମନେଣ ନ ଭାବି । ୧୧ ।
କୋଇନ୍ତାୟେ ତିଆରିଲେ ମାଦ୍ରୀଙ୍କି ହକାରି
କେତେକାଳ ବଞ୍ଚିବାଟି ଯୁବା ବୟସ ଧରି । ୧୨ ।
ମାଦ୍ରୀ ବୋଇଲେ ତୁମ୍ଭେ ନ ଭାଳ କିଛି ଲଜ୍ଜା
ସ୍ୱାମୀର ଅର୍ଜିଲା ସିନା ଭୁଞ୍ଜଇ ଭାରିଯା । ୧୩ ।
କାହାକଇଂ ଦୋଷ କରିଅଛୁଂ, ଅର୍ଜିଅଛୁଂ ପାପ
ଅକାରଣେ ନାଶ ଗଲାନି ଆମ୍ଭର ଯେ ତପ । ୧୪ ।
ଇଦଂ ପ୍ରତିବାଚ ଅଗସ୍ତି ଶୁଣ ହୋ ଦଣ୍ଡଧାରୀ
କର୍ମ ଆଦରିଣ ସେ ରହିଲେ ବେନି ନାରୀ । ୧୫ ।
ୟେଥୁ ଅନନ୍ତରେ ଶୁଣ ହୋ ନୃପରାୟେ
ଶ୍ରୀମହାଭାରଥ ଶୁଣି ପାତେକ କର କ୍ଷୟେ । ୧୬ ।

-------------

୧ ।୨ ପାକାପରଶ-ପାକାସ୍ପର୍ଶ (ରଜୋବତୀ)
୩ ।୨ ମୋହୋର ହାଥ ଧରି ତୁ ହୋଇଲୁ ନିରିମାଖୀ ।
୮ ।୧ ତୁଷ୍ଟି-ସ୍ତୁତି, ୮ ।୨ ବଞ୍ଚିଲୁ-ଛାଡିଲୁ

ଦାରା ସଂଘରିଲେ ପତି ଯେ ପତନୀ
ସ୍ୱାମୀ ଶଯ୍ୟାଗତ ନୋହିଲେ ଯୁଗତେ ବରଷ ତିନି । ୧୭ । not in bed for 3 years
ଶତଶିଂଗ ପର୍ବତେ ବିଜୟେ ପଣ୍ଡୁରାଜା ସ୍ୱାମୀ
କୋଇନ୍ତାୟେ ମଦନାବତୀ ଅଛନ୍ତି ପାରୁଶେ ଚାମର ଘେନି । ୧୮ ।
ବସନ୍ତ ଋତୁ ବୈଶାଖ ମାସ ଶୁକଳ ଯେ ପକ୍ଷ
ଅଗସ୍ତି ଭେଟିଲେ ଯାଇଂ ସେ ପଣ୍ଡୁଙ୍କୁ ପ୍ରତକ୍ଷ । ୧୯ ।
ଶୁକଳ ପକ୍ଷ ତୃତୀୟା ଆବର ଅର୍କବାର

କୃତ୍ତିକା ନକ୍ଷତ୍ର ଭୋଗ ସେ ଦିନର । ୨୦ । horoscope
ତତ୍ତୁଲ୍ୟ ନାମେ କରଣ ଅତିଗଣ୍ଡ ନାମେ ଯୋଗ
ମେଷ ସଂକ୍ରାନ୍ତିକି ବେନି ଦିବସ ଯେ ଭୋଗ । ୨୧ । horoscope
ସେ ଦିନ ବିଜେ କଲେ ଅଗସ୍ତି ମହାରଷି
ତୁଲେଣ ଅଛନ୍ତି ତାହାଙ୍କର ଚାଳିଶ ସହସ୍ର ଶିଷି । ୨୨ । 40,000 studenta
ଅଗସ୍ତିଙ୍କି ଦେଖିଣ ସାନନ୍ଦ ପଣ୍ଡୁରାଜା
ପାଦାର୍ଘ୍ୟ ଦେଇଣ ଯେ ମୁନିଙ୍କି କଲେ ପାଦ ପୂଜା । ୨୩ ।
ବସନ କୁଣ୍ଡଳ ଆବର ବଇଜୟନ୍ତୀ ମାଳା
ସାନନ୍ଦେଣ ଦିଲେ ନେଇ ସେ ଅମ୍ବାଳିକାର ବଳା । ୨୪ ।
ମୁନିଙ୍କର ପାଦ ଉଦକ ଜଳ ଆଣି
ଶିରରେ ନିବେଶିତ ପଣ୍ଡୁ ରାୟେ ପୁଣି । ୨୫ ।
କୃଷ୍ଣାଞ୍ଜନ ଛାଲ ଗୋଟିୟେ ଗୋଟିୟେ ଆଣି
ଆସନେ ବସିଲେ ବାଳଖିଲ୍ୟା ସକଳ ଯେ ମୁନି । ୨୬ ।
କୁଶଳ ବାରତା ଯେ ପଚାରନ୍ତି ବ୍ରହ୍ମଚାରୀ
କ୍ଷମେଣ ବ୍ରତି ଅଛୁ ନା ପଞ୍ଚୁ କଟକେ ଅଧିକାରୀ । ୨୭ ।
ସୋଦ୍ରିମା ପଣ ତୋର ଜାଣିଲୁ ଆମ୍ଭେ ତଥ୍ୟ
ଧୃତରାଷ୍ଟ ଅଟଇ ତୋର ଅଦକ୍ଷ ଅଯୋଗ୍ୟ ଜ୍ୟେଷ୍ଠ ଭ୍ରାଥ । ୨୮ । Dhritarashtra inefficient

-------------

୨୫ ।୨ ଶିରେ ନିବେଶିତ ପଣ୍ଡୁ ରାଜାର ବେନିରାଣୀ
୧୭ ।୧ ପତନୀ-ପତ୍ନୀ-ସ୍ତ୍ରୀ ୨୬ ।୨ କୃଷ୍ଣାଞ୍ଜନ-କୃଷ୍ଣାଜିନ ୨୮ ।୧ ସୋଦ୍ରିମା-ସୋଦରିମା-ଭ୍ରାତୃସ୍ନେହ ।

ତାହାଙ୍କୁ ଦକ୍ଷ କରାଇଲୁ ଆପଣା ସ୍ୱାର୍ଥପଦେ
ଆପଣେ ବନଗାମୀ ହୋଇଲୁ ସୋଦର ପରମାଦେ । ୨୯ ।
ୟେ ସମସ୍ତ ଯିବ କଥାହିଂ ସେ ରହିଥିବ
ଦୟାଳୁ ଘଟକୁ ଧର୍ମ କେମନ୍ତେଣ ଛାଡିବ । ୩୦ ।
ପରେତେ ଗ୍ୟାନୀ ପିଣ୍ଡ ଅଟୁତୁ ରାୟେ ପଣ୍ଡୁ
ଅନ୍ଧକୁ ରାଜ୍ୟ ଦେଇ ତୁ ବନସ୍ତେ ଦୁଖ ପଡୁ । ୩୧ ।
ଅଇରି ଦର୍ପମନ ନିଶୋଧନ କରୁ ରାଜା
ସଂସାର ଜନ ରଖି ସୁଖେଣ ପାଳୁ ପ୍ରଜା । ୩୨ ।
ସାଧୁ ଜୀବନ ଗୋଟି ପଣ୍ଡୁ ଅଟଇ ତୋହୋରି
ରାଗ ମୋହ ଅହଙ୍କାର ପକାଇଲୁ ଦୂର କରି । ୩୩ ।
ସାବତେଣ ସଂପଦ ଦେଲୁ ନୋହଇ ସେ କ୍ଷମ
ସତ୍ୟେଣ ସଂସାର ପାଲିଲୁ ଜିଣିଲୁ ସବୁ ଧର୍ମ । ୩୪ । not ପାଳିଲୁ
ଶତ ସହସ୍ର ଦଣ୍ଡ ପ୍ରଣମିତ ପଣ୍ଡୁ ଯେ ନୃପତି
ତୁମ୍ଭର ପ୍ରସାଦେ ସମସ୍ତ ସାଧୁ ହେ ଅଗସ୍ତି । ୩୫ ।
ପଣ୍ଡୁ ପ୍ରତିବାକ୍ୟ ମୁନି ହେ ମୁଂ କଲି ମନ୍ଦକୃତ୍ୟ
ଋଷି ମୃଗୀ ସଙ୍ଗମ ଅଛି କି ୟେମନ୍ତ । ୩୬ ।
ଅଗସ୍ତି ବୋଇଲେ ହୋ ତପି ଲୋକମାନେ
ବଳବପୁ ବୟସେ ଯେ ଥାନ୍ତି ଘୋର ବନେ । ୩୭ ।
କାମଦେବ ବୋଲି କରି ସେ ଯେବଣ ପୁରୁଷଇ
ବତିଶ କଳା ଘେନିଣ ସେ ସବୁରି ଦେହେ ବସଇ । ୩୮ । Sages also suffer from lust
ତୈଲୋକ୍ୟେ ଜିଣିବାକୁ କେ ସମାନ ନାହିଂ ସେ କାମକୁ
ସେହି ସେ ନାଶ କରଇ ସମସ୍ତ ତପିମାନଙ୍କୁ । ୩୯ ।

ଯହିଂ ଧର୍ମ ତହିଁଙ୍କି ଦିଗୁଣ ଯୋଚଇ ଶର
ଦୁଲଭ ଗୋଟିୟେ ଅଛି କାମକୁ ଜିଣିମାକୁ କୋଟିକର । ୪୦ ।
------------
୩୬ ।୨  ଋଷି ମୃଗୁଣୀ ସଙ୍ଗମ ଅଛି କି ୟେକ ଯୋଗମତ
ଋଷିଙ୍କର ଶୃଙ୍ଗାର ଅଛି କି ମୃଗୁଣୀର ସଂଗତ ।
୩୮ ।୨  ବତିଶ କଳା ଘେନି ସମସ୍ତ ହୃଦେ କରେ ବାସ ।
୪୦ ।୨  ଦୁଲଭେ ସେ ଜିଣିବାକୁ ଗୋଟିଏ କୋଟିକର ।
୨୮ ।୧  ସୋଦ୍ରିମା-ସୋଦରିମା-ଭ୍ରାତୃସ୍ନେହ
୪୦ ।୧  ଦୁଲଭ-ଦୁର୍ଲଭ

ସେ କାମ ଯେତେବେଳେ କରଇ ଉନ୍ମତ୍ତ
କେ କାହାର ଗଉରୋବ କେ କାହାର ମାନିତ । ୪୧ ।
ବନସ୍ତରେ ସ୍ତିରୀନ୍ତ ସେ ପାଇବେ କାହିଂ ଲୋଡି
କେ ବିନ୍ଦୁ ପକାନ୍ତି ହସ୍ତରେ ରେତ କରି । ୪୨ ।  masturbation by sages
ପକ୍କୁଂ କଦଳୀର ଚୋପା ଲାଇଣ କେ କରଇ ରତି
ତେମନ୍ତେ ହେଂ ଢାଳି କରି ରେତ ପକାବନ୍ତି । ୪୩ ।
କେ ମୃତ୍ତିକା ଖଣ୍ଡିରେ ଜଳା ଗୋଟିୟେ କରି
ପକାଇ ମହାରସ ଭିତରେ ପତ୍ର ଭରି । ୪୪ ।
କେ ଗାଈ ମଇଂଷୀ କେ ଅବା ମେଷ ଛେଳି
ନାନା ପ୍ରକାରେ କରନ୍ତି ରତି ରସ କେଳି । ୪୫ ।
ମୃଗୁଣୀ ଜୀବ ତ ପବିତ୍ର ହୋଇଲା
ଅମେଷ୍ଟଣ ତପୀ ୟେମନ୍ତେଣ ନାଶ ଗଲା । ୪୬ ।
ପଣ୍ଡୁ ବୋଇଲେକ ଅଗ୍ନିକାର ମହରଷି
ମୃଗୁଣୀ ୟେକ ଘେନି ସେ ରମଇ ବନେ ପଶି । ୪୭ ।
ଶବଦ ଶୁଣି ମୁଂ ନାରାଜ କଲି ବୃଷ୍ଟି
ଋଷି ମୃଗୁଣୀ ଦୁହେଂ ଯେ ନାରାଜେଣ ଫୁଟି । ୪୮ ।
ରାଗେଣ ଶାପ୍ୟ ଦିଲା ମୋତେ ମୁନି ଗରୁ
ଶୃଙ୍ଗାର କାଳେ ତୋତେ ଅକାଳ କାଣ୍ଡ ପଡୁ । ୪୯ ।
------------
୪୨  ବନସ୍ତରେ ସ୍ତିରୀଙ୍କି ପାଇବା କାହିଂ ଲୋଡି ।
କେ ବୀର୍ଯ୍ୟ ପକାଇ ହସ୍ତରେ ଧରି କରି ।
କେ ବିନ୍ଦୁ ପକାନ୍ତି ହାଥରେ ତରଳ କରି ।
୪୩  ପକ୍ୱ କଦଳୀ ଫଳ ଲାଇ କେ କରନ୍ତି ରତି
କେଉଣସି ମତେ ରେତ ପକାବନ୍ତି ।
୪୪  କାସିକା ଗୋଟିୟେ ଜଳା ଗୋଟିୟେକ କରି
ତହିଂ ସେ ରେତ ଯେ ଛାଡନ୍ତି ତପଚାରୀ ।
୪୯ ।୧  ରାଗେଣ ଶାପ ମୋତେ ଦିଲାକ ସେ ବଟୁ ।
୪୩ ।୧  ପକ୍କୁଂ-ଫଳ-ପାଚିଲା
୪୪ ।୧  କାସିକା-ଘଡି, କଳସ
୪୬ ।୬  ଅମେଷ୍ଟଣ-ଅମୋଘ, ୪୯ ।୧ ଗରୁ-ଗୁରୁ ୫୨ ।୧ ଦୁରାପଦ-ଦୁର୍ଲଘ୍ୟ

ଜନ୍ମ ତ ନିଷ୍ଫଳ ହୋଇଲା ନାଶ ଗଲା ବଂଶ
କହିବା ଅଗସ୍ତି ହୋ ମୋତେ ପ୍ରତିକାର କିସ । ୫୦ ।
ଅଗସ୍ତି ବୋଇଲେ ସେ ନୁହଇଟି ମତିଭୋଳା
ନାଶକର ଶାସ୍ତିରେ ମୃଗୁଣୀ ସଂଗେ ମେଳା । ୫୧ ।

ଦୁରାପଦ ଶାପ ତୁ ଯେ ପାଇଲୁ ମହାରାଜା
ନାଶ ଯିବୁଟି ରାଜା ଶୃଙ୍ଗାର ରସେ ନ ଯା । ୫୨ ।
କୋଇନ୍ତା ମାଦ୍ରୀ ବେନି ରାଣୀନ୍ତ ହକାରି
ତୁ ଆପଣେ ଆଗ୍ୟାଂ ଦେବୁ ନା ତିଆରି । ୫୩ ।
କେଉଂଣ ବାଗେ ଗୋ ଉତପତ୍ତି ହୋଅଇ ସନ୍ତତି
ତହିଂକି କାରଣ ତୁମ୍ଭେ କର ବେନି ଯେ ଯୁବତୀ । ୫୪ ।
ଶାହାସ୍ତ୍ର ପୋଥି ଫେଇ ମୁନି ଶୁଣାନ୍ତି ବେନି ରାଣୀ
ସନ୍ତାନକୁ ଉପାୟ କର ଗୋ ଭୋଜର ଦୁଲଣୀ । ୫୫ ।
ଯତନେ ପର ରେତ ନ କଲ ତହିଂ ଇଛା
ସନ୍ତାନ ନିମନ୍ତେ କରିବ ନାହିଂ କି ଗୋ ମନବାଞ୍ଛା । ୫୬ ।
ସ୍ୱାମୀଙ୍କି ସଂକୋଚ ଗୋ ନ କର ମାହେଶ୍ୱରୀ
ପୁତ୍ର ଉପୁଜାଇ ଗୋ ଲଭ ସ୍ୱର୍ଗ ପୁରୀ । ୫୭ ।
ଅଗସ୍ତି ବୋଇଲେ ଗୋ ଶୁଣ ଦେବୀ କୋନ୍ତେ
ଦୁର୍ଭାସାଙ୍କ ମହାମନ୍ତ୍ର ଅଛି ତୋହୋର ଯେ ହସ୍ତେ । ୫୮ ।
ମାନବ ଇଛିଲେ ଗୋ ହୋଇବ ଦୋଚାରୀ
ଦେବତାନ୍ତ ଇଛା କର ଗୋ ହୁଅ ରତିକାରୀ । ୫୯ ।          no sin in intercourse with gods, ଅଧିଆ
ଦେବ କଳା ଘେନି ଗୋ ଦେବେ ହୁଅନ୍ତି ଜନମ
ଛାଡିବ ଦୁପାତକ ଉଦିତ ହେବ ଧର୍ମ । ୬୦ ।
----------
୫୨ ।୨  ନାଶ ଯିବୁଟି ସ୍ତିରୀଙ୍କର ପାଶକୁ ନ ଯା ।
୫୬ ।୧  ଯତ୍ନେଣ ତୁ ଗୋ ନ କର ରତି ଇଛା ।
୫୮ ।୨  ଦୁର୍ଭାସାଙ୍କ ଜପାମାଳୀ ଅଛି ତୋହୋର ହସ୍ତେ ।
୫୯ ।୨  ଦେବତାନ୍ତ ଘେନି ଗୋ ହୁଅ ରତିକାରୀ ।
୬୦  ଦେବ କଳା ଘେନି ପୁତ୍ର ହେଉ ଜନମ
ଖଣ୍ଡୁ ଦୁପାତକ ଉଦିତ ହୋଉ ଧର୍ମ
୫୨ ।୧  ଦୁରାପଦ-ଦୁର୍ଲଘ୍ୟ  ୬୦ ।୨  ଦୁପାତକ-ଦୁଃଖ ଓ ପାପ

କୋଇନ୍ତା ବୋଇଲେ ତୁମ୍ଭେ ଗୁରୁ ପରମ ଗୁରୁ
ତୁମ୍ଭର ଆଗ୍ୟାଂ କେ ଅନ୍ୟସ୍ତା କରିପାରୁ । ୬୧ ।
ଅଗସ୍ତି ବୋଇଲେ ମା ଗୋ ଯେହେର୍ନ୍ତେକ ଅଛି ପୂର୍ବେ
ତୁମ୍ଭେ କିଛି ଅନ୍ତର ନ ଧର ମନେ ଯେବେ । ୬୨ ।
ଆଗୋ ସ୍ତିରୀଙ୍କର ଧର୍ମ ଗୋ ଅଟଇ ଯୁଗତି
ସ୍ୱାମୀର ବୀର୍ଯ୍ୟେ ଯେବେ ନ ଉପୁଜଇ ସନ୍ତତି । ୬୩ । incompatibility with husband, get another
ଆଗୋ ପରଦାର କରାଇ ଗୋ ଉପୁଜାଇ ବଂଶ
ସ୍ୱାମୀର ଅଭିଶାପ ତୁମର କିସ ଦୋଷ । ୬୪ ।
ତୁମ୍ଭର ଉପର ବଂଶେ ସନ୍ତାତି ବିହୁନେ
ଦେଖିଲଟିକି କେମନ୍ତେ କଲେ ଶାଶୁମାନେ । ୬୫ ।
ବ୍ୟାସେ ଅଟନ୍ତିଟିକି ତାହାଙ୍କର ଜ୍ୟେଷ୍ଠ ଶଶୁର
ତାହାନ୍ତ ଘେନି ପୁଣ ଇଛିଲେ ଶୃଙ୍ଗାର । ୬୬ ।
ଅନ୍ଧ ପଣ୍ଡୁ ବିଦୁର ଉପୁଜିଲେ ତିନିଭ୍ରାଥେ
ତୁ ଅର୍ଣ୍ଣପୂର୍ଣ୍ଣା ମା ଗୋ ଯୁଗତେ ଥାଅ ଯେଥେ । ୬୭ ।          ଅନ୍ନପୂର୍ଣ୍ଣା misspelt
ଯେବେ ଯାଉଅଛୁଂ ଆମ୍ଭେ ଆସିବୁଂ ସମୟେ
ଆମ୍ଭର ଗୋଚରେ ଦେବୁଟି ତୋହୋର ତନୟେ ଗୋ ମାୟେ । ୬୮ ।

କୋଇନ୍ତାକୁ ବୋଇଲେ ମା ଗୋ ଆମ୍ଭର ବୁଦ୍ଧି କର
ଅବିଭାଇତ କାଳେ ତୁ ଇଛିଲୁ ଶୃଙ୍ଗାର କରତାର । ୬୯ ।
କର୍ଣ୍ଣ ଜନ୍ମ ହୋଇଲାଟି ଆଦିତ୍ୟଙ୍କର ବୀର୍ଯ୍ୟେ
ରାଧେବ ପାଳିଲାଟି ସେହୁ ତୋହୋର ଆତ୍ମଜେ । ୭୦ ।
କୋଇନ୍ତାୟେ ବୋଇଲେ ମୁନି ହେ ତୁମ୍ଭେ କାହିଂ ଥିଲ
ୟେ ମୋହୋର ମନ୍ତ୍ର ପରୀଖ ତୁମ୍ଭେ କେମନ୍ତେ ଜାଣିଲ । ୭୧ । Agasti knew of Karna's birth
ଅଗସ୍ତି ପ୍ରତିବାଚ ଆମ୍ଭେ ଭୂତ ଭବିଷ୍ୟ ଗ୍ୟାଂତା
ପୁରାଣେ ସ୍ରିଜିଅଛୁଂ ଆଗତ ଭବିଷ କଥା । ୭୨
---------
୬୧ ।୨ ତୁମ୍ଭର ଆଗ୍ୟାଂ କେ ଜନ୍ମେଣ ଆନ କରୁ ।
୬୨ ।୨ ତୁମ୍ଭେ କିଛି ଭ୍ରାନ୍ତି ନ କର ଗୋ ୟେବେ ।
୬୭ ।୨ ସ୍ତିରୀ ଅପର୍ଣ୍ଣାକୁ ସେ ଅଛଇ ଯୁଗତେ ।

ୟେବେ ତୋତେ ହୋ କହୁଅଛୁଂ ଆଗତକୁ
ଧର୍ମେଣ ପୁତ୍ର ଗୋ ପ୍ରାପତ ହେବ ତୁକୁ । ୭୩ ।
ପବନେଣ ପୁତ୍ର ହୋଇବ ସମ୍ଭୂତ
ଇନ୍ଦ୍ର ଦେବତା ତହୁଂ ଗୋ ପୁତ୍ରେକ ହେବ ଜାତ । ୭୪ ।
କର୍ଣ୍ଣକୁ ବୋଇଲେ ଗୋ ତୋର ହୋଇବ ପୁତ୍ର ଚାରି
ପୁଣିହିଂ ଯୁଝେଷ୍ଠି ଭୀମ ଅର୍ଜୁନ ତିନି ନାମ ଧରି । ୭୫ ।
ଯୁଝେଷ୍ଠି ହାଦେ ଯେ ପ୍ରତକ୍ଷେ ହୋଇବାକ ବ୍ରହ୍ମା
ଭୀମସେନ ହୋଇବ ଯେ ଈଶ୍ୱର ମହାତମା । ୭୬ ।
ଅର୍ଜୁନ ହୋଇବ ଯେ ପ୍ରତକ୍ଷେ ବିଷ୍ଣୁନାଥ
ୟେମନ୍ତେ ବ୍ରହ୍ମା ବିଷ୍ଣୁ ଶିବ ହୋଇବେ ତିନି ପୁତ୍ରେ ଜାତ । ୭୭ ।
ମାଦ୍ରୀଙ୍କି ଦୟା କରିବୁଟି କୋନ୍ତ ଭୋଜର ଦୁଲାଳୀ
ୟେହାକୁହିଂ ଦେବୁଟି ବେଳେ ଦୁର୍ଭାସାଙ୍କ ମନ୍ତ୍ର ଜପାମାଳି । ୭୮ ।
ୟେହାର ତହୁଂ ଜାତ ହୋଇବ ପୁତ୍ର ବେନି ଗୋଟି
ଭାରାଭର ନିବାରିଣ କରିବେ ୟେ ନବସୃଷ୍ଟି । ୭୯ ।
ମା ଗୋ ୟେ କଥା ଅନ୍ତର, ନୋହଇଟି ଆନ
ଆମ୍ଭର ଶପତ ଟି ନ ଧର ଆନ ମନ । ୮୦ ।
ସୁଲକ୍ଷଣୀ ଆଶିଷ ଦେଲେ ମହାତ୍ମା ଅଗସ୍ତି
କୁଶ ଶେଜ୍ୟା ଗୋଟିୟେ ଦେଲେ ଦେବୀଙ୍କି ମନ୍ତ୍ରି । ୮୧ ।
ୟେ ଶେଜ୍ୟାରେ ଶୋଇଣ ଦୁର୍ଭାସାଙ୍କର ମହାମନ୍ତ୍ରେ
ଯାହାକୁ ସଂକେତ କରିବୁ ସେ ଭେଟିବ ଯୁଗତେ । ୮୨ ।
ମୋହନ ଅଞ୍ଜନ ଦିଲେ ଯେ ମଦନାକୁ
ୟେହାନ୍ତ ଘେନି ମୋହ ତୁ ଅଶ୍ୱିନୀ କୁମାରଙ୍କୁ । ୮୩ ।
ସୁକୁମାର ସୁନ୍ଦର ସେ ସଗ୍ୟାଂର ଅଟଇ ଚାଟ
କୁମାର ସମ୍ମୁଖେ ଯାକୁ ଅଛି ଆକାଶେ ପାଟ । ୮୪ ।
ସେ ବେନି କୁମାର ଗୋ ତୋତେ ଅନଙ୍ଗ ଭୋଗ କରାଇବେ
ବେନି ପୁତ୍ରେ ଉପୁଜିବେ ନାମ ଦେବୁ ନକୁଳ ସହଦେବେ । ୮୫ ।
ସହଦେବ ବୋଲିଣ ତୋର ଯେବଣ ପୁତ୍ର ଗୋଟି
ଭୂତ ଭବିଷ୍ୟ ତାହାକୁ ଦିଶିବ ନବସୃଷ୍ଟି । ୮୬ ।
ଅନେକ ପୁଣ୍ୟ ଧର୍ମ ସେ କରିବେ ଦ୍ୱାପରେ
ଚିରାନ୍ତନ କୀର୍ତ୍ତି ରୁହାଇବେ ସେ ମଧ୍ୟ ଭୁବନରେ । ୮୭ ।
କୋଇନ୍ତାକୁ ଭଗତି ଗୋ ହୋଇ ଥାଅସି ମଦନା
ମାଗୋ କୋଇନ୍ତା ୟେହାକୁ ଦୟା କରିଥିବୁଟି ୟେ ତୋହୋର ଦାସୀ ସିନା । ୮୮ ।

ଅଗସ୍ତିଙ୍କ ବଚନେ ସେ ହୋଇଲେ ପରମ ଶାନ୍ତି
ଛାଡିଲେ ଦୋଷାଦୋଷମାନ ହୋଇଣ ନିଭ୍ରାନ୍ତି । ୮୯ ।
ପଣ୍ଡୁରାଜା କୋଇନ୍ତା ମାଦ୍ରୀ ଘେନି ହୋଇଲେ ପରିଣାମି
ସେଠାରୁ ଅନ୍ତର୍ଧାନ ହୋଇଲେ ଅଗସ୍ତି ମହାମୁନି । ୯୦-୨୦୦୧ ।

-------------

୮୦ ।୧  ମାଗୋ ୟେ କଥା କେବେ ନ କରିବୁଟି ଆନ ।

୮୧ ।୨  ଶେଜ୍ୟା-ଶଯ୍ୟା

୮୪ ।୧  ସଂଗ୍ୟା-ସୂର୍ଯ୍ୟଙ୍କ ପତ୍ନୀ

୮୫ ।୧  ସେ ବେନି କୁମାରେ ତୋତେ ଭୋଗ୍ୟ ଯେ କରିବେ ।

୮୮ ।୨  ମାଗୋ କୋଇନ୍ତା ୟେହାଙ୍କୁ ଦୟା କରିଥିବୁଟି ୟେ ତୋହୋର ଭୃତ୍ୟର ଭୃତ୍ୟ ସିନା

୮୭ ।୨  ଚିରାନ୍ତନ-ଚିରନ୍ତନ

******************